# ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ଲାଞ୍ଜିଗଡ଼, ୪।୭ (ଇମିସ): ଡାକ୍ତର ଦିବସ ଅବସରରେ ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ଡାକ୍ତରଖାନାରେ ଡାକ୍ତର ଦିବସ ପାଳନ କରାଯିବା ସହ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏନେଇ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସଚେତନ କରାଯାଉଛି। ବିଶ୍ୱକୁ ଚିକିତ୍ସା କ୍ଷେତ୍ରରେ ନିଜର ଉତ୍ସର୍ଗୀକୃତ ମୂଲ୍ୟ ତଥା ସେବା ପ୍ରଦାନ କରିଥିବା ଡାକ୍ତରମାନଙ୍କୁ ଆମେ ସତ ପ୍ରଣାମ କରୁଛୁ। ମ୍ୟାଲେରିଆ ଭଳି ଏକ ମାରାତ୍ମକ ରୋଗର ନିରାକରଣ ଓ ରକ୍ତ ସମ୍ବନ୍ଧୀୟ ରୋଗର ନିରାକରଣ ପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତଙ୍କୁ ଶକ୍ତିଶାଳୀ କରିବା ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ ବୋଲି ଲାଞ୍ଜିଗଡ଼ ବେଦାନ୍ତର ସିଓଓ ରାକେଶ ମୋହନ ପ୍ରକାଶ କରିଥିଲେ।